ସମ୍ବାଦ
ତାରିଖ:୦୧.୧୦.୨୦୨୨

# ବିଆଇଆଇଟିଏମ୍‌ର ବାର୍ଷିକ ଉତ୍ସବ

ଚନ୍ଦ୍ରଶେଖରପୁର, ୩୦/୯ (ଇମିସ): ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ (ବିଆଇଆଇଟିଏମ୍)ର ବାର୍ଷିକ ଉତ୍ସବ 'ଜନସ୍-୨୦୨୨' ଆଜି ରେଳ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ନ୍ୟୁୟର୍କର ବିଶେଷଜ୍ଞ ବ୍ରେନେ କେଣ୍ଟେ ଥମ୍‌ସନ୍ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ମାର୍ଗଦର୍ଶନ କରିବା ସହ ଭବିଷ୍ୟତରେ ଆହୁରି ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଅଲଟ୍ରାଟେକ୍ ସିମେଣ୍ଟର ଯୁଗ୍ମ ସଭାପତି ଅମିତାଭ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାନୁଷ୍ଠାନର ଉପଦେଷ୍ଟା ପ୍ରଫେସର ପି.ଆର୍ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ପରିଶ୍ରମକୁ ପ୍ରଶଂସା କରିବା ସହ ଭବିଷ୍ୟତର ସଫଳତା କମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ବିଆଇଆଇଟିଏମ୍‌ର ରିଭ୍ୟୁ ଜର୍ଣ୍ଣାଲ'କୁ ଉନ୍ମୋଚନ କରାଯାଇଥିଲା।